ପୋଷେଟ୍ଟି ଏବଂ ଅନ୍ୟମାନେ

ବନାମ

ଆନ୍ଧ୍ର ପ୍ରଦେଶ ରାଜ୍ୟ

ଅଗଷ୍ଟ 28,1996

[କେ. ରାମାସ୍ୱାମୀ ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 11, 12 (2), 18 (2)—ଧାରା 11 ଅଧୀନରେ ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟର ନୋଟିସ ଜାରି—ଧାରା 12 (2) ଅନୁଯାୟୀ ଏକ ପୂର୍ବ-ସର୍ତ୍ତ କି— ଏ.ପି ଉଚ୍ଚ ନ୍ୟାୟାଳୟଙ୍କର ପୂର୍ଣ୍ଣ ବିଚାରପୀଠ ଦର୍ଶାଇଛନ୍ତି ଯେ, ଅଧିନିର୍ଣ୍ଣୟ ସହିତ ନୋଟିସ ଜାରି  କରିବା ଆବଶ୍ୟକ ନୁହେଁ—ଅପିଲରେ, ଅଧିନିର୍ଣ୍ଣୟ ପ୍ରଦାନ ଏକ ପୂର୍ବ-ସର୍ତ୍ତ ନୁହେଁ— ତେଣୁ ଉଚ୍ଚ ନ୍ୟାୟାଳୟଙ୍କର ପୂର୍ଣ୍ଣ ବିଚାରପୀଠ ଠିକ ଥିଲେ ଯେ, ଏହା ଧାରା 12 ର ଉପ-ଧାରା (2) ସହିତ ଧାରା 18ର ପରନ୍ତୁକଗୁଡ଼ିକର ବ୍ୟାଖ୍ୟା ଅଟେ— ସ୍ଥାନୀୟ ସଂଶୋଧନ ଦ୍ୱାରା ଉକ୍ତ ବ୍ୟାଖ୍ୟାନରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1754/1992 ।

ଡବ୍ଲ୍ୟୁ.ପି. ସଂଖ୍ୟା 13203/1985ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 12.9.90 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଶ୍ରୀମତୀ ରାଣୀ ଛାବ୍ରାଙ୍କ ପାଇଁ ଡି. ପ୍ରକାଶ ରେଡ୍ଡୀ ।

ଉତ୍ତରଦାତାମାନଙ୍କ ପାଇଁ ଜି. ପ୍ରକାଶ ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ସମ୍ବିଧାନର ଅନୁଚ୍ଛେଦ 133 ଅନୁଯାୟୀ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର କରାଯାଇଥିବା ଅନୁମତି ଦ୍ୱାରା ଏହି ଅପିଲ, ରିଟ୍ ଆବେଦନ ସଂଖ୍ୟା  12604 / 1987 ରେ ଫେବୃଆରୀ 21, 1991 ରେ ତାଙ୍କର ପୂର୍ଣ୍ଣ ବିଚାରପୀଠଙ୍କ ରାୟରୁ ଉତ୍ପନ୍ନ ହୋଇଛି । ଏହି ଅପିଲରେ, ଏକମାତ୍ର ବିବାଦ ହେଉଛି: ଭୂମି ଅଧିଗ୍ରହଣ ଅଧିନିୟମ, 1894ର ଧାରା 11 (ସଂକ୍ଷେପରେ, "ଅଧିନିୟମ") ଏବଂ ଏହାର ସଂଲଗ୍ନ ସହିତ ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟ ନୋଟିସ ଜାରି, ଅଧିନିୟମର ଧାରା 12ର ଉପ-ଧାରା (2) ଅନୁଯାୟୀ ଏକ ପୂର୍ବ-ସର୍ତ୍ତ କି? ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ବିଚାରପୀଠ, ରିଟ୍ ଆବେଦନ ସଂଖ୍ୟା 13203/1985 ଏବଂ ସମୂହରେ 12 ସେପ୍ଟେମ୍ବର 1990 ତାରିଖରେ ଦର୍ଶାଇଥିଲେ ଯେ, ନୋଟିସ୍ ସହିତ ଅଧିନିର୍ଣ୍ଣୟ ପ୍ରଦାନ କରିବା ଆବଶ୍ୟକ ନୁହେଁ । ଏହି ଅଧିନିୟମର ଧାରା 18 (2) ରେ ଥିବା ସର୍ତ୍ତାବଳୀ ଉପରେ ନିର୍ଭର କରି ଦ୍ୱିତୀୟ ଖଣ୍ଡକୁ ଉଚ୍ଛେଦ କରାଯିବାର କାରଣ ଦର୍ଶାଇ ବିଚାରପତିମାନେ ଦର୍ଶାଇଛନ୍ତି ଯେ, ଅଧିନିର୍ଣ୍ଣୟର ନକଲ ପ୍ରଦାନ କରିବାର ଆବଶ୍ୟକତା ନାହିଁ । ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଡି.ପି. ରେଡ୍ଡୀ

ଯୁକ୍ତି ବାଢ଼ିଛନ୍ତି ଯେ, ଧାରା 12ର ଉପ-ଧାରା (2) କୁ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠଙ୍କ *ଦ୍ୱାରା ସ୍ୱତନ୍ତ୍ର ଉପ ଆୟୁକ୍ତ (ଏଲ୍ ଏ) କୁର୍ନୁଲ ଜିଲ୍ଲା ବନାମ ସି ସାଇ ରେଞ୍ଜୀ ଏବଂ ଅନ୍ୟମାନେ,* AIR (1984) A.P. 24 ରେ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଏକ ଖଣ୍ଡପୀଠ ଦ୍ୱାରା ବ୍ୟାଖ୍ୟା କରାଯାଇଥିଲା । ତେଣୁ ପୂର୍ଣ୍ଣ ବିଚାରପୀଠ ନିଜର ସଂରଚନାରେ ସଠିକ ନଥିଲେ । ଏହି ବିବାଦ ଏବେ ନିଷ୍ପତ୍ତି ନହୋଇଥିବା ବସ୍ତୁ ହୋଇ ରହିନାହିଁ । *ଏହି ନ୍ୟାୟାଳୟ ପଞ୍ଜାବ ରାଜ୍ୟ ଏବଂ ଅନ୍ୟଜଣେ ବନାମ ସତୀନ୍ଦର ବୀର ସିଂହ,* [1995] B 3 SCC 330, ଧାରା 12 ର ଉପ-ଧାରା (2) ର ପରିସରକୁ ଧାରା 18 ର ଉପ-ଧାରା (2) ର ସର୍ତ୍ତାବଳୀ ସହିତ ବିଚାର କରିଛନ୍ତି ଏବଂ ନିମ୍ନଲିଖିତ ଭାବରେ ରାୟ ଦେଇଛନ୍ତି:

> " ତେବେ ପ୍ରଶ୍ନ ହେଉଛି, ଧାରା 12 (2) ଅନୁଯାୟୀ ବିଜ୍ଞପ୍ତି ଏକ ବୈଧ ବିଜ୍ଞପ୍ତି କି ? ଧାରା 11 ଏବଂ 12 ର ଏକ ମିଳିତ ପଠନରୁ, ଏହା ସ୍ପଷ୍ଟ ଯେ, ବିଜ୍ଞପ୍ତି କେବଳ ଅଧିନିର୍ଣ୍ଣୟ ପ୍ରଦାନ କରିବାର ଏକ ସୂଚନା ଯାହା ଦ୍ୱାରା ମାଲିକ କିମ୍ବା ଆଗ୍ରହୀ ବ୍ୟକ୍ତିଙ୍କୁ ଧାରା 11 ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷତିପୂରଣ ପାଇବାକୁ ବାଧ୍ୟତାମୂଳକ କରେ । ବିଜ୍ଞପ୍ତି ପାଇବା ପରେ, ଯଦି ଆଗ୍ରହୀ ବ୍ୟକ୍ତି ପ୍ରତିବାଦ ବିନା କ୍ଷତିପୂରଣ ପାଆନ୍ତି, ତେବେ ସ୍ପଷ୍ଟ ଭାବରେ କୌଣସି ସନ୍ଦର୍ଭ ପ୍ରେରଣର ଆବଶ୍ୟକତା ନାହିଁ । କ୍ଷତିପୂରଣ ନିର୍ଣ୍ଣୟ ଚୂଡ଼ାନ୍ତ ହୁଏ ଏବଂ ପକ୍ଷମାନଙ୍କ ପାଇଁ ଆବଶ୍ୟକ କରେ । ଯେତେବେଳେ ସେ ଅଧିନିୟମ ଧାରା 31 ଅନୁଯାୟୀ ମନସ୍ଥ କରାଯାଇଥିବା ପ୍ରତିବାଦରେ କ୍ଷତିପୂରଣ ପାଆନ୍ତି, ସେତେବେଳେ ଧାରା 18 (1) ଅନୁଯାୟୀ ସୁପାରିଶ ପାଇଁ ଆବେଦନ କରିବାର ଆବଶ୍ୟକତା ସୃଷ୍ଟି ହେବ । ସେହି ସମୟରେ, ଆଗ୍ରହୀ ବ୍ୟକ୍ତି ଧାରା 12 ର ଉପ-ଧାରା (1) ର କାର୍ଯ୍ୟକାରିତା ଦ୍ୱାରା ତାଙ୍କ ଏବଂ ଜିଲ୍ଲାପାଳଙ୍କ ମଧ୍ୟରେ ନିର୍ଣ୍ଣାୟକ ହୋଇଥିବା ଅଧିନିର୍ଣ୍ଣୟକୁ ଯାଞ୍ଚ କରିପାରିବେ କିମ୍ବା ଅଧିନିର୍ଣ୍ଣୟର ଏକ ପ୍ରମାଣୀକୃତ ନକଲ ମାଗିପାରିବେ । ଏହା ଉପରେ, ସେ ଜମି ପାଇଁ କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ, ଅନ୍ୟାନ୍ୟ ବିଷୟ ମଧ୍ୟରେ, ଆବଶ୍ୟକ ଆପତ୍ତି କରିପାରିବେ । ବିଜ୍ଞପ୍ତିରେ ଅଧିନିର୍ଣ୍ଣୟର ସମସ୍ତ ବିବରଣୀ ରହିବା ଜରୁରୀ ନୁହେଁ, ଯେଉଁଥିରେ ତାଙ୍କର ବିଚାର ଏବଂ କ୍ଷତିପୂରଣ ନିର୍ଦ୍ଧାରଣ କରିବାର ପଦ୍ଧତି ମଧ୍ୟ ସାମିଲ ଅଛି, ଯାହା ଉଚ୍ଚ ନ୍ୟାୟାଳୟଙ୍କର ବିଚାରପତିଙ୍କ ମତାମତ ଉପରେ ଆଧାରିତ । ଧାରା 31 ଅନୁଯାୟୀ କ୍ଷତିପୂରଣ ପାଇବା ପରେ ସଂପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ସନ୍ଦର୍ଭ ଆବେଦନ କରିବାକୁ ପଡ଼ିବ ନାହିଁ । ଅନ୍ୟ ଶବ୍ଦରେ କହିଲେ, ଅର୍ଥରାଶି ଗ୍ରହଣ ଏବଂ ସନ୍ଦର୍ଭ ଆବେଦନ ଏକକାଳୀନ ନୁହେଁ । ଧାରା 18 (2) ଦ୍ୱାରା ଉଲ୍ଲେଖିତ ସୀମାବଦ୍ଧତାର ବୈଧାନିକ କାର୍ଯ୍ୟ କୌଣସି ନିର୍ଦ୍ଦିଷ୍ଟ ରୂପରେ ସୂଚନା ପ୍ରଦାନ କରିବାର କିରାଣୀମାନଙ୍କ କାର୍ଯ୍ୟ ଉପରେ ନିର୍ଭର କରେ ନାହିଁ, ଯେତେବେଳେ ଆଇନ କିମ୍ବା ନିୟମାବଳୀ କୌଣସି ରୂପ ନିର୍ଦ୍ଧାରିତ କରେ ନାହିଁ । ଧାରା 12 (2) ଅନୁଯାୟୀ ବିଜ୍ଞପ୍ତି ଗ୍ରହଣ କରାଯିବା କିମ୍ବା ଧାରା 18 (2) ଦ୍ୱାରା ପରିକଳ୍ପିତ ହେବା କ୍ଷଣରୁ ଏହି ତମାଦି କାର୍ଯ୍ୟକାରୀ ହେବା ଆରମ୍ଭ ହୁଏ ।

ଏହା ଦେଖାଯାଉଛି ଯେ, ଧାରା 11 ଅନୁଯାୟୀ ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରାଯିବ ଏବଂ ଏହା ଜିଲ୍ଲାପାଳ ଏବଂ ଆଗ୍ରହୀ ବ୍ୟକ୍ତିମାନଙ୍କ ମଧ୍ୟରେ ଚୂଡ଼ାନ୍ତ ଏବଂ ନିର୍ଣ୍ଣାୟକ ପ୍ରମାଣ ହେବ, ସେମାନେ ଯଥାକ୍ରମେ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥିତ ହୁଅନ୍ତୁ କି ନାହିଁ, ଅଧିଗ୍ରହଣ କରାଯାଇଥିବା ଜମିର ପ୍ରକୃତ ପରିସୀମା, ଅଧିଗ୍ରହଣ କରାଯାଇଥିବା ଜମିର ମୂଲ୍ୟ ଏବଂ ଆଗ୍ରହୀ ବ୍ୟକ୍ତିମାନଙ୍କ ମଧ୍ୟରେ କ୍ଷତିପୂରଣ ବଣ୍ଟନ ବିଷୟରେ ଧାରା 12

ର ଉପ-ଧାରା (1) ଦର୍ଶାଉଛି । ତେଣୁ, ଯେଉଁ ବ୍ୟକ୍ତିମାନେ ବ୍ୟକ୍ତିଗତ ଭାବେ ଉପସ୍ଥିତ ନଥିଲେ କିମ୍ବା ଜିଲ୍ଲାପାଳ ଅଧିନିର୍ଣ୍ଣୟ ପ୍ରଦାନ କରିବା ସମୟରେ ପ୍ରତିନିଧିମାନଙ୍କ ଜରିଆରେ ଉପସ୍ଥିତ ଥିଲେ, ସେମାନଙ୍କୁ ଜିଲ୍ଲାପାଳ ତାଙ୍କ ଅଧିନିର୍ଣ୍ଣୟ ସଂକ୍ରାନ୍ତରେ ସୂଚନା ଜାରି କରିବା ଆବଶ୍ୟକ । ତେଣୁ ଉପ-ଧାରା (2) ଅନୁଯାୟୀ, ସେ କେବଳ ଦାବି ଅନୁଯାୟୀ ଅଧିନିର୍ଣ୍ଣୟର ସୂଚନା ନୁହେଁ, ବରଂ ଏହିପରି ଆଗ୍ରହୀ ବ୍ୟକ୍ତିମାନଙ୍କୁ ଅଧିନିର୍ଣ୍ଣୟ ପ୍ରଦାନର ତୁରନ୍ତ ସୂଚନା ଦେବାକୁ ବାଧ୍ୟ । ଯଦି ଏହିପରି ଜଣେ ଆଗ୍ରହୀ ବ୍ୟକ୍ତି, ଯେ କି ବ୍ୟକ୍ତିଗତ ଭାବେ କିମ୍ବା ପ୍ରତିନିଧିଙ୍କ ମାଧ୍ୟମରେ ଅଧିନିର୍ଣ୍ଣୟ ପ୍ରକାଶ ସମୟରେ ଉପସ୍ଥିତ ଥିଲେ, ତାଙ୍କୁ ଅଧିନିର୍ଣ୍ଣୟର ନକଲ ପ୍ରଦାନ କରାଯିବାର ଆବଶ୍ୟକତା ନାହିଁ, ତେବେ ଅଧିନିର୍ଣ୍ଣୟ ପ୍ରକାଶ ସମୟରେ ଉପସ୍ଥିତ ନଥିବା ବ୍ୟକ୍ତିଙ୍କୁ ନୋଟିସ ଜାରି କରାଯିବା ଉଚିତ କି ? ଉପରୋକ୍ତ ମାମଲାରେ ଏହି ପ୍ରଶ୍ନକୁ ବିଚାର କରାଯାଇଥିଲା ଏବଂ ଏହା ଦର୍ଶାଯାଇଥିଲା ଯେ, ନୋଟିସ ଜାରି କରିବା ଏକ ଅମଲାନ୍ତରୀୟ କାର୍ଯ୍ୟ ଏବଂ ଏହି କାର୍ଯ୍ୟ ଅଧିନିର୍ଣ୍ଣୟର ନକଲ ପ୍ରଦାନ କରିବାକୁ ଚାହୁଁନଥିଲା । ଧାରା 18 ର ଉପ-ଧାରା (2) ର ପରନ୍ତୁକ ଅନୁଯାୟୀ ପ୍ରଦାନ କରାଯାଇଥିବା ତମାଦି ନିର୍ଦ୍ଧାରଣ କରେ ଯେ, ଯଦି ଜଣେ ଦରଖାସ୍ତକାରୀ ଉପସ୍ଥିତ କିମ୍ବା ପ୍ରତିନିଧିତ୍ୱ କରନ୍ତି, ତେବେ ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ପ୍ରଦାନ ତାରିଖରୁ ଛଅ ସପ୍ତାହ ମଧ୍ୟରେ ପ୍ରତିବାଦରେ କ୍ଷତିପୂରଣ ପାଇବା ସମୟରେ ତଥା ଯେଉଁଠାରେ ସେ ଧାରା 12 ର ଉପ-ଧାରା (2) ଅନୁଯାୟୀ ଜିଲ୍ଲାପାଳଙ୍କ ଠାରୁ ନୋଟିସ୍ ପାଇବାର ଛଅ ସପ୍ତାହ ମଧ୍ୟରେ କିମ୍ବା ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ତାରିଖରୁ 6 ମାସ ମଧ୍ୟରେ ଉପସ୍ଥିତ ନଥିଲେ, ଯେଉଁ ଅବଧି ପ୍ରଥମେ ସମାପ୍ତ ହେବ, ସେହି ସମୟରେ ଆବେଦନ କରିବାକୁ ପଡ଼ିବ । ଅନ୍ୟ ଶବ୍ଦରେ ଧାରା 18ର ଉପ-ଧାରା (2) ର ପରନ୍ତୁକରେ ଧାରା 18 ର ଉପ-ଧାରା (1) ଅନ୍ତର୍ଗତ ସନ୍ଦର୍ଭ ପାଇଁ ଆବେଦନ କରିବାର ସମୟସୀମା ନିର୍ଦ୍ଧାରିତ କରାଯାଇଛି ଏବଂ ଏହାର ବିଫଳ ହେଲେ ଧାରା 18 ଅନ୍ତର୍ଗତ ସନ୍ଦର୍ଭ ଭିକ୍ଷା ପାଇଁ ଦାବିଦାରଙ୍କ ଅଧିକାର ସମାପ୍ତ ହୋଇଯାଏ । ଏହି ନ୍ୟାୟାଳୟ ପୂର୍ବରୁ ରାୟ ଦେଇସାରିଛନ୍ତି ଯେ, ଅଧିନିର୍ଣ୍ଣୟର ସୂଚନା ଏକ ପୂର୍ବ ସର୍ତ୍ତ ନୁହେଁ ଏବଂ ସେଥିପାଇଁ ଉଚ୍ଚ ନ୍ୟାୟାଳୟଙ୍କର ପୂର୍ଣ୍ଣ ବିଚାରପୀଠ ଧାରା 12ର ଉପ-ଧାରା (2) ସହିତ ଧାରା 18ର ପରନ୍ତୁକଗୁଡ଼ିକର ବ୍ୟାଖ୍ୟା କରିବାରେ ସଠିକ ଥିଲେ । ତେଣୁ, ସ୍ଥାନୀୟ ସଂଶୋଧନ ପୂର୍ବରୁ ବର୍ଣ୍ଣିତ ବ୍ୟାଖ୍ୟାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣେ ନାହିଁ ।

ସେହି ଅନୁଯାୟୀ ଅପିଲକୁ ଖାରଜ କରାଯାଇଛି କିନ୍ତୁ, ଏହି ପରିସ୍ଥିତିରେ, କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଆବେଦନଟି ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ **ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**